ଧରିତ୍ରୀ
DHARITRI

# ମନ ମିଜାଜ

ଗୁରୁବାର, ୨୩ ଅଗଷ୍ଟ, ୨୦୧୮




# ଇଣ୍ଟରନେଟ୍ ମାଧମରେ ପୁଣି ଯୋଡ଼ିହୋଇଛି ରେଡିଓ




ଦିନଥିଲା, ରେଡିଓ ଗଣ ଯୋଗାଯୋଗର ଏକ ପ୍ରମୁଖ ମାଧମ ଥିଲା। କିନ୍ତୁ ଟେଲିଭିଜନ ଲୋକପ୍ରିୟତା ପରେ ଏହାର ଚାହିଦା ହ୍ରାସ ପାଇବାକୁ ଲାଗିଲା। କିଛିବର୍ଷ ହେଲା ଟେଲିଭିଜନ ମଧ ଲୋକପ୍ରିୟତା ହରାଇଲାଣି। କାରଣ ବ୍ୟସ୍ତବହୁଳ ଜୀବନ ଭିତରେ ଟିଭି ଦେଖିବା ପାଇଁ କାହା ପାଖରେ ସମୟ ନାହିଁ। ଧୀରେ ଧୀରେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ହେବାକୁ ଲାଗିଛି। ଏଭଳି ସ୍ଥିତିରେ ଇଣ୍ଟରନେଟ୍ ମାଧମରେ ରେଡିଓକୁ ସଂଯୋଗ କରିବା ପାଇଁ ପୂର୍ବରୁ ହୋଇଥିବା ଚେଷ୍ଟା ଏବେ ନୂଆ ଟ୍ରେଣ୍ଡ ସୃଷ୍ଟି କରିଛି। ୧୯୯୩ରେ ଆମେରିକାର ପ୍ରଯୁକ୍ତିବିତ୍ କାର୍ଲ ମାଲାମୁଡ ପ୍ରଥମେ ଏହି ଧାରଣା(କନସେପ୍ଟ)ର ଆବିଷ୍କର୍ତ୍ତା ଭାବେ ଉଭା ହୋଇଥିଲେ। ଇଣ୍ଟରନେଟ୍ ରେଡିଓକୁ ୱେବ୍ ରେଡିଓ, ଇ-ରେଡିଓ ବା ଅନ୍‌ଲାଇନ୍ ରେଡିଓ ମଧ କୁହାଯାଉଛି।

ଏହିଭଳି ଷ୍ଟେଶନ ଖୋଲିବା ସହଜ। ଏହା ବ୍ୟୟବହୁଳ ମଧ ନୁହେଁ। ଭାରତରେ ଅନ୍‌ଲାଇନ୍ ରେଡିଓ ଷ୍ଟେଶନ ଖୋଲିବା ପାଇଁ ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ପାରମ୍ପରିକ ରେଡିଓ ଭଳି ଅନ୍‌ଲାଇନ୍ ରେଡିଓରେ ମଧ ନ୍ୟୁଜ୍, ବାର୍ତ୍ତା, ଗୀତ ଭଳି ସବୁ ପ୍ରକାର କାର୍ଯ୍ୟକ୍ରମ ପ୍ରସାରଣ ହୋଇପାରିବ। ସାରା ବିଶ୍ୱରେ ଦିନକୁ ଦିନ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଯେହେତୁ ଏହାର ମୂଲ୍ୟ ଅଧିକ ନୁହେଁ, ତେଣୁ ଆଜିକାଲି ବିଭିନ୍ନ ଶିକ୍ଷାନୁଷ୍ଠାନ, କର୍ପୋରେଟ୍ ସଂସ୍ଥା, ବ୍ୟକ୍ତିଗତ ଭାବେ ଏଭଳି ରେଡିଓ ଷ୍ଟେଶନ ଖୋଲିବା ଦେଖାଯାଉଛି। ପରିସଂଖ୍ୟାନରୁ ଜଣାଯାଏ ଯେ, ଆମେରିକାର ୪୭% ଜନସାଧାରଣ ଅନ୍‌ଲାଇନ୍ ରେଡିଓ ଶୁଣୁଛନ୍ତି। ୧୯୯୦ର ଶେଷ ଭାଗକୁ ୟୁରୋପୀୟ ଦେଶରେ ଗଣମାଧମ ଓ ପୁଞ୍ଜି ନିବେଶକାରୀଙ୍କର ଦୃଷ୍ଟି ଆକର୍ଷଣ କରିବାରେ ଅନ୍‌ଲାଇନ୍ ରେଡିଓ ସକ୍ଷମ ହୋଇଥିଲା। ୨୦୦୩ ବେଳକୁ ଆମେରିକାରେ ଅନ୍‌ଲାଇନ୍ ରେଡିଓରେ ଗୀତ ପରିବେଷଣ କରାଯାଇ ୪୯ ମିଲିୟନ ଆମେରିକୀୟ ଡଲାର ଆୟ ହୋଇଥିଲା। ୨୦୦୬ରେ ତାହା ବୃଦ୍ଧି ପାଇ ୫୦୦ ମିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା।

## ପ୍ରବାସୀ ଓଡ଼ିଆଙ୍କ ବେଶି ଆଗ୍ରହ

ଇଣ୍ଟରନେଟ୍ ରେଡିଓ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ ଅତ୍ୟଧିକ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ କର୍ମଚାରୀ ଓ ଷ୍ଟୁଡିଓର ଆବଶ୍ୟକତା ନ ଥାଏ। ଜଣେ ବ୍ୟକ୍ତି ଦ୍ୱାରା ଏହି ଷ୍ଟେଶନ ଚାଲିପାରିବ। ମାତ୍ର ୧୫ଦିନ ପ୍ରଶିକ୍ଷଣ ପରେ ଜଣେ ଏହି କାର୍ଯ୍ୟକୁ ସହଜରେ ପରିଚାଳନା କରିପାରିବ। କମ୍ପ୍ୟୁଟର ଓ ମୋବାଇଲ ଫୋନରେ ଇଣ୍ଟରନେଟ୍ ରେଡିଓର କାର୍ଯ୍ୟକ୍ରମ ସ୍ପଷ୍ଟ

ପୃ ୭

# ପଡ୍‌କାଷ୍ଟ



'ସ୍ମୋକ୍' ଏବଂ 'ଫଗ୍' ମିଶି ଯେଭଳି 'ସ୍ମଗ୍' ହୋଇଛି, ଠିକ୍ ସେଭଳି 'ଆଇପଡ୍' ଏବଂ 'ବ୍ରଡ୍‌କାଷ୍ଟ'ର ମିଶ୍ରଣରେ ସୃଷ୍ଟିହୋଇଛି 'ପଡ୍‌କାଷ୍ଟ'। ପ୍ରମୁଖ ଟେକ୍ନୋଲୋଜି ବ୍ରାଣ୍ଡ 'ଆପଲ୍'ର ଆଇପଡ୍‌ରେ ପ୍ରଥମେ ଏହି ପଡ୍‌କାଷ୍ଟ ଫିଚର ଆସିଥିବା ବେଳେ ଧୀରେ ଧୀରେ ଏହାର ଲୋକପ୍ରିୟତା ବଢ଼ିଛି। ଡିଜିଟାଲ ଅଡିଓ ଏବଂ ଭିଡିଓ ଫାଇଲ୍‌ର ଏକ ଏପିସୋଡିକ୍ ସିରିଜ୍‌କୁ ପଡ୍‌କାଷ୍ଟ ବୋଲି କୁହାଯାଉଥିବାବେଳେ ଏହାକୁ ନେଟ୍‌କାଷ୍ଟ ବୋଲି ମଧ କୁହାଯାଉଛି। ପଡ୍‌କାଷ୍ଟ ମୁଖ୍ୟତଃ ଅରିଜିନାଲ ଅଡିଓ ଏବଂ ଭିଡିଓ ରେକର୍ଡିଂ ହୋଇଥିବା ବେଳେ ଏହାକୁ ବ୍ୟବହାରକାରୀ ସିଧା ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରିବା ସହ ଶୁଣିପାରିବେ। ବେଳେବେଳେ ଟେଲିଭିଜନ ଏବଂ ରେଡିଓ ପ୍ରୋଗ୍ରାମ ସହ ବିଭିନ୍ନ ଇଭେଣ୍ଟ ବା କାର୍ଯ୍ୟକ୍ରମ, ପ୍ରଦର୍ଶନ କଳା ଏବଂ ବକ୍ତୃତାର ରେକର୍ଡେଡ୍ ବ୍ରଡ୍‌କାଷ୍ଟକୁ ମଧ ପଡ୍‌କାଷ୍ଟ ଭାବେ ବ୍ୟବହାର କରାଯାଏ। ଫାଙ୍କା ସମୟରେ ଟାଇମ୍‌ପାସ୍ କରିବା ତଥା କିଛି ଶିକ୍ଷଣୀୟ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଆଜିକାଲି ଟେଲିଭିଜନ ଏବଂ ୱେବ୍ ସିରିଜ୍ ଭଳି ଅନେକ ଲୋକ ପଡ୍‌କାଷ୍ଟ ସିରିଜକୁ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କ ମଧରେ ଏହାର ଲୋକପ୍ରିୟତା ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳୁଛି।



ପୃ ୭

# ଇଣ୍ଟରନେଟ୍ ମାଧ୍ୟମରେ ପୁଣି ଯୋଡ଼ିହୋଇଛି ରେଡିଓ




ପ୍ରଥମ ପୃଷ୍ଠାରୁ...

ଶୁଣିହେବ। ପାରମ୍ପରିକ ରେଡିଓ ଷ୍ଟେଶନ ତୁଳନାରେ ଏଥିରେ କୌଣସି ଶବ୍ଦ ଓ ବାଧାବିଘ୍ନ ନ ଥାଏ। ଏହାକୁ ପରିଚାଳନା କିମ୍ବା ଶୁଣିବା ପାଇଁ ହାଇସ୍ପିଡ୍ ଇଣ୍ଟରନେଟ୍ ସଂଯୋଗର ମଧ୍ୟ ଆବଶ୍ୟକତା ନ ଥାଏ। ସାଧାରଣ ଇଣ୍ଟରନେଟ୍ ସଂଯୋଗ ଦ୍ୱାରା ବିଶ୍ୱର ସବୁ ସ୍ଥାନରୁ ଏହାର ସେବା ମିଳିପାରିବ। ଓଡ଼ିଶାରେ କେତେକ ଅନ୍‌ଲାଇନ୍ ରେଡିଓ ଷ୍ଟେଶନ ରହିଛି। ଏହାର ବହୁଳ ବ୍ୟବହାର ପ୍ରବାସୀ ଓଡ଼ିଆମାନେ କରୁଥିବା ଜଣାପଡ଼ିଛି। ପ୍ରବାସୀ ଓଡ଼ିଆ ସଙ୍ଗଠନଗୁଡ଼ିକ ଏହାର ପ୍ରଚାର ପ୍ରସାର ମଧ୍ୟ କରୁଛନ୍ତି। ସେମାନେ ଓଡ଼ିଶା ସହିତ ଯୋଡ଼ି ହୋଇ ରହିବା ପାଇଁ ଡିଜିଟାଲ ମିଡିଆ କ୍ଷେତ୍ରରେ ଇଣ୍ଟରନେଟ୍ ରେଡିଓ ଉଲ୍ଲେଖନୀୟ ଭୂମିକା ନିଭାଉଛି।

## ଆମ ଫୋକସ୍‌ରେ ପ୍ରବାସୀ ଓଡ଼ିଆ



ଓଡ଼ିଶାରେ ରହୁଥିବା ଲୋକ ଆମ ଫୋକସ୍‌ରେ ନାହାନ୍ତି। କାରଣ ସେମାନେ ଓଡ଼ିଆରେ ରେଡିଓ ଶୁଣିବା ପାଇଁ ବହୁତ ପ୍ରକାରର ବିକଳ୍ପ ରହିଛି। କିନ୍ତୁ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆ ଲୋକଙ୍କ ପାଇଁ କୌଣସି ସୁବିଧା ନାହିଁ। ତେଣୁ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନଙ୍କ ସହ ଯୋଡ଼ିହେବା ପାଇଁ ଏଭଳି ନୂତନ ପ୍ରୟାସ ଆରମ୍ଭ କରାଯାଇଥିଲା। କୌଣସି ବ୍ୟବସାୟିକ ଉଦ୍ଦେଶ୍ୟରେ ଆମେ କରି ନ ଥିଲୁ। ଯେଉଁ ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଥିଲା ତା'ର ସଫଳତା ପାଇଛୁ। ଭଲ ଫିଡ୍‌ବ୍ୟାକ୍ ମଧ୍ୟ ପାଇଛୁ।

– ସୀତାଂଶୁ ମହାପାତ୍ର, ପ୍ରତିଷ୍ଠାତା, ଓଡ଼ିଆ ରେଡିଓ



## ରେଡିଓ ଭୁବନେଶ୍ୱର

ଭାରତରେ ରେଡିଓର ପ୍ରଚାର ଓ ପ୍ରସାର କାର୍ଯ୍ୟ କରୁଛି 'ଆଉଟ୍‌ରିଚ୍' ସଂସ୍ଥା। ଏହି ସଂସ୍ଥା ମଧ୍ୟ ଏକ ଇଣ୍ଟରନେଟ୍ ରେଡିଓ ଷ୍ଟେଶନ ଖୋଲିଛି, ଯାହାର ନାମ ରହିଛି 'ରେଡିଓ ଭୁବନେଶ୍ୱର'। ଆଣ୍ଡ୍ରଏଡ୍ ମୋବାଇଲ୍‌ରେ ରେଡିଓ ଭୁବନେଶ୍ୱର ଆପ୍‌କୁ ଇନ୍‌ଷ୍ଟଲ କରିଲେ କିମ୍ବା www.radiobhubaneswar.comକୁ ଯାଇ ଏହାର କାର୍ଯ୍ୟକ୍ରମ ଶୁଣିହେବ। ଏହାଛଡ଼ା ରେଡିଓ ଗାର୍ଡେନ୍‌ରେ ମଧ୍ୟ ଏହା ଉପଲବ୍ଧ।

## ଓଡ଼ିଆ ରେଡିଓ

ଓଡ଼ିଆ ଭାଷାରେ ଏହା ଓଡ଼ିଶାର ପ୍ରଥମ ଇଣ୍ଟରନେଟ୍ ରେଡିଓ ଷ୍ଟେଶନ। ୨୦୦୯ରେ ଏହା ଆରମ୍ଭ ହୋଇଥିଲା। ୨୦୧୦ରେ ସମ୍ପୂର୍ଣ୍ଣ ଭାବେ ଏହାର ପ୍ରସାରଣ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପ୍ରସାରଣ ହେଉଛି। www.odiaradio.comରୁ ଯେକେହି ରେଡିଓ କାର୍ଯ୍ୟକ୍ରମ ଶୁଣିପାରିବେ। ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଏହାର ବହୁତ ଚାହିଦା ରହିଛି। ୪୫ ଦେଶର ଲୋକ ଏହି ଇଣ୍ଟରନେଟ୍ ରେଡିଓର ଶ୍ରୋତା ଅଛନ୍ତି। ୨୦୧୧ରେ ସାଉଥ୍ ଏସିଆରେ ଏକ କମ୍ୟୁନିଟି ଇଣ୍ଟରନେଟ୍ ରେଡିଓ ଭାବେ ଏହି ଷ୍ଟେଶନ ଆୱାର୍ଡ ମଧ୍ୟ ପାଇଛି। ପ୍ରତିଦିନ ୨୪ଘଣ୍ଟା ମଧ୍ୟରେ ପ୍ରାୟ ୪ରୁ ୫ ହଜାର ଶ୍ରୋତା ଏହି ରେଡିଓ ଷ୍ଟେଶନରେ ଶୁଣିଥାନ୍ତି।

ରିପୋର୍ଟ: ଅସମାପିକା ସାହୁ

## ବିଶ୍ୱରେ ଆମର ଏକ ଲକ୍ଷ ଶ୍ରୋତା ଅଛନ୍ତି



ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ଆମେ ଏହି ଷ୍ଟେଶନ ଆରମ୍ଭ କରିଥିଲୁ। ଏଥିରେ ରୁଚି ସମ୍ପନ୍ନ କାର୍ଯ୍ୟକ୍ରମ ପ୍ରସାରଣ ହୋଇଥାଏ। ଏହାଛଡ଼ା ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକ୍ରମକୁ ଆମେ ଭଲରେ କଭର କରିଥାଉ। ଏଥିରେ କୌଣସି ଇଭେଣ୍ଟର ଲାଇଭ୍ ବ୍ରଡ୍‌କାଷ୍ଟ ମଧ୍ୟ ହୋଇପାରିବ। ସାରା ବିଶ୍ୱରୁ ପ୍ରାୟ ଏକଲକ୍ଷ ଶ୍ରୋତା ଆମର ଅଛନ୍ତି। ପାଖାପାଖି ୨୫ ଦେଶରେ ଏହି ରେଡିଓ ଷ୍ଟେଶନକୁ ଶୁଣୁଛନ୍ତି। ତେବେ ଇଣ୍ଟରନେଟ୍ ରେଡିଓ ଉପରେ ଓଡ଼ିଶାରେ ସଚେତନତାର ଅଭାବ ରହିଛି। ଏହାର ବହୁଳ ପ୍ରଚାର ପ୍ରସାର ହେବାର ଆବଶ୍ୟକତା ରହିଛି।

– ସ୍ମୃତି ପ୍ରିୟଦର୍ଶିନୀ, ପ୍ରୋଗ୍ରାମିଂ ହେଡ୍, ରେଡିଓ ଭୁବନେଶ୍ୱର

# ପଡ୍‌କାଷ୍ଟ




ପ୍ରଥମ ପୃଷ୍ଠାରୁ...

'ଆପଲ୍'ର ଆଇଫୋନ୍ ଏବଂ ଆଇପଡ୍‌ରେ ପଡ୍‌କାଷ୍ଟ ପାଇଁ ସ୍ୱତନ୍ତ୍ର ଇନ୍‌ବିଲ୍ଡ ବା ପ୍ରି-ଇନ୍‌ଷ୍ଟଲ୍ଡ ଆପ୍ ଥିବାବେଳେ ଆଣ୍ଡ୍ରଏଡ୍‌ରେ ପଡ୍‌କାଷ୍ଟ ବ୍ୟବହାର କରିବାକୁ ହେଲେ ଆପ୍‌ଷ୍ଟୋର୍‌ରୁ ଏଥିପାଇଁ ଆପ୍ ଡାଉନ୍‌ଲୋଡ କରିବାକୁ ପଡେ। ଖାସ୍ ସେଥିପାଇଁ 'ପକେଟ୍ କାଷ୍ଟ', 'ଗୁଗଲ ପଡ୍‌କାଷ୍ଟ', 'ରେଡିଓ ପବ୍ଲିକ୍', 'କାଷ୍ଟବକ୍ସ', 'ପଡ୍‌କାଷ୍ଟ ଆଡିକ୍ଟ', 'ସାଉଣ୍ଡ କ୍ଲାଉଡ୍', 'ସ୍ୱଟିଫାଏ', 'ଡଗ୍‌କ୍ୟାଚର୍ ପଡ୍‌କାଷ୍ଟ ପ୍ଲେୟାର', 'ପଡ୍‌କାଷ୍ଟ ଗୋ' ଭଳି ଏକାଧିକ ଆଣ୍ଡ୍ରଏଡ୍ ଆପ୍ ଆଜିକାଲି ପ୍ଲେ ଷ୍ଟୋର୍‌ରେ ଉପଲବ୍ଧ ହେଉଛି। ଯେକୌଣସି ପଡ୍‌କାଷ୍ଟ ସିରିଜର ମଜାନେବାକୁ ଜଣେ ସବ୍‌ସ୍କ୍ରାଇବ୍ କରି ଏହାର ସମ୍ପୂର୍ଣ୍ଣ ଏପିସୋଡ୍‌କୁ ଉପଭୋଗ କରିପାରୁଛି। ତାହାପୁଣି ବିନା କୌଣସି ଶୁଳ୍କରେ। ସବ୍‌ସ୍କ୍ରାଇବ୍ କରିବା ଦ୍ୱାରା ଏକ ପଡ୍‌କାଷ୍ଟ ଫାଇଲ୍‌ର ପ୍ରତ୍ୟେକ ଭାଗ ୱେବ୍ ସିଣ୍ଡିକେଶନ୍ ଦ୍ୱାରା ଅଟୋ-ଡାଉନ୍‌ଲୋଡ୍ ହୋଇ ବ୍ୟବହାରକାରୀଙ୍କ ମୋବାଇଲ ଆପ୍, କମ୍ପ୍ୟୁଟର୍ ଏବଂ ପୋର୍ଟେବୁଲ୍ ମିଡିଆ ପ୍ଲେୟାରରେ ରହୁଛି। ଗୋଟିଏ ପଡ୍‌କାଷ୍ଟ ସିରିଜର ପ୍ରତ୍ୟେକ ଏପିସୋଡ୍ ସମାନ ଫାଇଲ୍ ଫର୍ମାଟରେ ରହୁଥିବାରୁ ବ୍ୟବହାରକାରୀ ଆରମ୍ଭରୁ ଶେଷଯାଏ ଅଡିଓ ନ ହେଲେ ଭିଡିଓ ଫର୍ମାଟ୍‌ରେ ତାହାକୁ ଶୁଣିପାରେ। ଏହାବ୍ୟତୀତ କିଛି ପଡ୍‌କାଷ୍ଟ ଫାଇଲ୍ ଯେପରିକି ଲାଙ୍ଗୁଏଜ୍ କୋର୍ସଗୁଡିକରେ ଅଡିଓ, ଭିଡିଓ ଏବଂ ଡକ୍ୟୁମେଣ୍ଟ ଭଳି ଭିନ୍ନ ଭିନ୍ନ ଫାଇଲ୍ ଫର୍ମାଟ ରହିଥାଏ। ପିଡିଏଫ୍ ଏବଂ ଇ-ବୁକ୍ ଫାଇଲ୍ ଫର୍ମାଟରେ ମଧ୍ୟ ଏହା ରହିଥାଏ। ସେହିଭଳି ପଡ୍‌କାଷ୍ଟର ଭିଡିଓ ଫର୍ମାଟକୁ ଭିଡିଓ ପଡ୍‌କାଷ୍ଟ ବା ଭଡ୍‌କାଷ୍ଟ ବୋଲି ମଧ୍ୟ କୁହାଯାଏ।

ରିଅଲି ସିମ୍ପୁଲ୍ ସିଣ୍ଡିକେଶନ(ଆର୍‌ଏସ୍‌ଏସ୍) ଫିଡ୍‌ର ବ୍ୟବହାର କରି ଅଡିଓ ଫାଇଲ୍‌ର ପ୍ରସ୍ତୁତି ଏବଂ ତାହାର ବିତରଣକୁ ପଡ୍‌କାଷ୍ଟିଂ ବୋଲି କୁହାଯାଏ। ଯାହାକୁ ପରବର୍ତ୍ତୀ ସମୟରେ ଆଇପଡ୍ ଭଳି ଡିଜିଟାଲ ମ୍ୟୁଜିକ୍ ଏବଂ ମଲ୍ଟିମିଡିଆ ପ୍ଲେୟାରରେ ଅପ୍‌ଲୋଡ୍ କରିହୁଏ। ଏକ ଡିଜିଟାଲ ଅଡିଓ ଫାଇଲ୍‌ରୁ ଜଣେ ଆରାମରେ ପଡ୍‌କାଷ୍ଟ ତିଆରି କରିପାରିବ। ପଡ୍‌କାଷ୍ଟ ପବ୍ଲିଶିଂରେ ଜଣେ କ୍ୟାରିୟର କରିପାରିବା ସହ ବହୁସଂଖ୍ୟକ ଶ୍ରୋତାଙ୍କ ନିକଟରେ ପହଞ୍ଚିବା ପାଇଁ ଆଜିକାଲି ଏହା ଏକ ଉତ୍କୃଷ୍ଟ ମାଧ୍ୟମ ପାଲଟିଛି।




## ଲୋକପ୍ରିୟ ପଡ୍‌କାଷ୍ଟ ଶୋ'




ଆର୍ଟ, ବିଜ୍‌ନେସ୍, କମେଡି, ଏଜୁକେଶନ, ଗେମ୍ସ, ହବିଜ୍, ଗଭର୍ନମେଣ୍ଟସ ଆଣ୍ଡ ଅର୍ଗାନାଇଜେଶନ, ହେଲ୍‌ଥ, ମ୍ୟୁଜିକ୍, କିଡ୍‌ସ ଆଣ୍ଡ୍ ଫ୍ୟାମିଲି, ନ୍ୟୁଜ୍, ପଲିଟିକ୍ସ, ସୋସାଇଟି ଆଣ୍ଡ କଲଚର୍, ସ୍ପୋର୍ଟସ, ଟେକ୍ନୋଲୋଜି, ଟିଭି ଆଣ୍ଡ୍ ଫିଲ୍ମ ଭଳି ବିଭିନ୍ନ ବିଭାଗରେ ବହୁ ଉପଯୋଗୀ ପଡ୍‌କାଷ୍ଟ ଆଜିକାଲି ଉପଲବ୍ଧ ହେଉଛି। ଏହା ଛୋଟ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଉପାଦେୟ ହୋଇପାରୁଛି। ବର୍ତ୍ତମାନ ସମୟରେ ଇଣ୍ଟରନେଟ୍‌ରେ କ୍ଲାସିକ୍ ଶର୍ଟ ଷ୍ଟୋରିଜ୍, ଟେଡ୍ ଟକ୍ସ, ୱାର୍ଲଡ ବିଜ୍‌ନେସ୍ ରିପୋର୍ଟ, ଷ୍ଟାର୍ଟଅପ୍ ଷ୍ଟୋରିଜ୍, କାର୍ ଟକ୍, ବିବିସି ରେଡିଓର ଫ୍ରାଇଡେ' ନାଇଟ୍ କମେଡି, ଆଡାମ୍ କ୍ୟାରୋଲା ଶୋ', ଲର୍ନ ଟୁ କୋଡ୍ ୱିଥ୍ ମି, ଷ୍ଟୋରିନରୀ, ମ୍ୟାଥ୍ ଡ୍ୟୁଡ୍, କ୍ଲାସିକ୍ ଟେଲ୍‌ସ, ଗେମ୍ ସ୍କୁପ୍, ଡୋମେଷ୍ଟିକ୍ ସିଇଓ, ବେବିଟକ୍, ନାସାକାଷ୍ଟ, ସାଇନ୍ସ ଫ୍ରାଇଡେ', ବ୍ରେନ୍ ଷ୍ଟଫ୍, ଦି ମୁସାଫିର୍ ଷ୍ଟୋରିଜ୍, ଷ୍ଟୋରିଜ୍ ଅଫ୍ ପ୍ରେମ୍‌ଚାନ୍ଦ୍, କଲ୍‌ଚର୍ ଚାଓସ୍ ଭଳି କେତେକ ପଡ୍‌କାଷ୍ଟ ଶୋ' ବହୁଳ ଲୋକପ୍ରିୟତା ହାସଲ କରିଛି। ସେହିଭଳି ବିବିସି, ସିଏନ୍‌ଏନ୍, ରେଡ୍ ଏଫ୍‌ଏମ୍, ନ୍ୟୁଜ୍ ଲଣ୍ଡ୍ରି, ଭଏସ୍ ଅଫ୍ ଆମେରିକା ଏବଂ ଟେଡ୍‌ର ବିଭିନ୍ନ କାର୍ଯ୍ୟକ୍ରମ ପଡ୍‌କାଷ୍ଟରେ ଶୁଣିବାକୁ ଓ ଦେଖିବାକୁ ମିଳୁଛି।

– ରିପୋର୍ଟ: ସସ୍ମିତା ପାଇକରାୟ



ଖାଦ୍ୟ ରୁଚି

# କଣ୍ଟିନେଣ୍ଟାଲ ଡିସ୍

# ପ୍ରନ୍ ସିଜ୍‌ଲର

ପର୍ଯ୍ୟଟନ ସହର ପୁରୀ। ଏଠାକୁ ପ୍ରତ୍ୟହ ଦେଶବିଦେଶର ପର୍ଯ୍ୟଟକ ଆସିଥାନ୍ତି। ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ସାଙ୍ଗକୁ ପ୍ରସିଦ୍ଧ ଶ୍ରୀମନ୍ଦିର ଅନେକଙ୍କୁ ଟାଣିଆଣେ ପୁରୀକୁ। ତେବେ ଏଠାରେ ଦେଶବିଦେଶର ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ। ଆମିଷପ୍ରିୟ ପର୍ଯ୍ୟଟକଙ୍କ ପାଇଁ ହୋଟେଲ, ରେଷ୍ଟୁରାଣ୍ଟରେ ସୁଆଦିଆ ଡିସ୍ ପ୍ରସ୍ତୁତ କରାଯାଏ। ତେବେ ଗ୍ରାମୀଣ ତଥା ସବୁଜିମାଭରା ପରିବେଶ ଭିତରେ ବସି ଖାଇବାର ନିଆରା ଅନୁଭୂତି ଦେଉଥିବା ସହରର ଅନ୍ୟତମ ରେଷ୍ଟୁରାଣ୍ଟ ହେଉଛି ୱାଇଲ୍ଡ ଗ୍ରାସ୍। ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ବେଳେ କଣ୍ଟିନେଣ୍ଟାଲ ଡିସ୍ ପ୍ରନ୍ ସିଜ୍‌ଲରର ବେଶ୍ ଚାହିଦା ରହିଛି। ଗୋଟିଏ ପ୍ଲେଟ୍‌ର ଦାମ୍ ରହୁଛି ୩୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ରେଷ୍ଟୁରାଣ୍ଟର ମୁଖ୍ୟ ସେଫ୍ ପ୍ରଦୀପ ଭୋଇଙ୍କ ମୁହଁରୁ...


ପ୍ରଦୀପ ଭୋଇ



## ଆବଶ୍ୟକ ସାମଗ୍ରୀ

- କଣ୍ଟାଳ ଚିଙ୍ଗୁଡ଼ି ୨୦୦ ଗ୍ରାମ୍
- ଆଳୁ ୧୦୦ ଗ୍ରାମ୍
- ବିନ୍ସ ୫୦ ଗ୍ରାମ୍
- ଗାଜର ୫୦ ଗ୍ରାମ୍
- ଫୁଲକୋବି ୨ ପାଖୁଡ଼ା
- କିମା ରସୁଣ ୫ ଗ୍ରାମ୍
- ବଟର ୨ ଚାମଚ
- ଭିନେଗାର ୧ ଚାମଚ
- ଓଷ୍ଟାର୍ଡ ସସ୍ ଅଧ ଚାମଚ
- ଅଦା ରସୁଣ ପେଷ୍ଟ ଅଧ ଚାମଚ
- ସ୍ୱାଦ ଅନୁଯାୟୀ ଲୁଣ

(ପରଷି ଦେବା ପାଇଁ ବନ୍ଧାକୋବି ପତ୍ରର ଠୋଲା ଏବଂ ଲୁହାପାତ୍ର ଦରକାର)

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିଙ୍ଗୁଡ଼ିକୁ ଚୋପା ଛଡ଼ାଇ ଭଲ ଭାବେ ଧୋଇଦେବେ। ଛୋଟ ଛୋଟ ଆକାରରେ କଟାଯାଇଥିବା ଆଳୁ, ଗାଜର, ବିନ୍ସ ଓ ଫୁଲକୋବିକୁ ପୂର୍ବରୁ ସିଝାଇ କାଢି ରଖିଥିବେ। ଗୋଟିଏ ପାତ୍ରରେ ଭିନେଗାର, ଲୁଣ, ଅଦା ରସୁଣ ପେଷ୍ଟ ପକାଇବେ। ଏହାପରେ ସେଥିରେ ଚିଙ୍ଗୁଡ଼ି ପକାଇ ଭଲ ଭାବେ ଗୋଳାଇଦେବେ। ରୋଷେଇ କରିବାକୁ ଥିବା ପାତ୍ରକୁ ନିଆଁରେ ବସାଇ ସେଥିରେ ବଟର ପକାଯିବ। ବଟର ଗରମ ହୋଇଗଲେ ସେଥିରେ କିମା ରସୁଣ ପଡିବ। ଏହାପରେ ଚିଙ୍ଗୁଡ଼ି ପକାଯାଇ ଭଜାଯିବ। ପ୍ରାୟ ୫ ମିନିଟ୍ ପରେ ସେଥିରେ ୭୫ ଗ୍ରାମ୍ ପାଣି ଦିଆଯିବ। ୫ରୁ ୭ ମିନିଟ୍ ଚିଙ୍ଗୁଡ଼ି ସିଝାଯିବ। ଏହାପରେ ସେଥିରେ ଓଷ୍ଟାର୍ଡ ସସ୍ ପକାଯିବ। କିଛି ସମୟ ପରେ ଏହାକୁ ଓହ୍ଲାଇ ଦିଆଯିବ। ଏବେ ପ୍ରସ୍ତୁତ ହୋଇଗଲା ପ୍ରନ୍ ସିଜ୍‌ଲର। ବନ୍ଧାକୋବି ପତ୍ରରେ ହୋଇଥିବା ଠୋଲା ତଳେ ପରିବା ସିଝା ଦେଇ ଉପରେ ଏହି ପ୍ରନ୍ ସିଜ୍‌ଲର ରଖାଯିବ। ଆଞ୍ଚରେ ଗରମ କରାଯାଇଥିବା ଲୁହାପାତ୍ର ଉପରେ ଉକ୍ତ ଠୋଲାକୁ ରଖି ଗ୍ରାହକଙ୍କୁ ପରଷା ଯିବ। ଏହାଦ୍ୱାରା ଗ୍ରାହକମାନେ ଗରମ ଗରମ ପ୍ରନ୍ ସିଜ୍‌ଲରର ସ୍ୱାଦ ନେଇପାରିବେ।

**– ରିପୋର୍ଟ: ହେମନ୍ତ ନାୟକ**

## ମୋ ଅନୁଭୂତି

- ଅଭିନେତ୍ରୀ: ଆହାନା ବରାଳ
- ଜନ୍ମ: ଡିସେମ୍ବର ୨୭, ୧୯୯୭
- ବର୍ତ୍ତମାନର ଠିକଣା: ଭୁବନେଶ୍ୱର

# ଟ୍ରେନ୍ ଟିକେଟ ନ ଥିବାରୁ ହଇରାଣ ହୋଇଥିଲି

ଅଭିନୟ ଜଗତକୁ ନୂଆକରି ପାଦ ଦେଇଥିବା ଅଭିନେତ୍ରୀ ଆହାନା ନିଜର ଦମ୍‌ଦାର ଅଭିନୟ ମାଧ୍ୟମରେ ଖୁବ୍ କମ୍ ସମୟରେ ଦର୍ଶକଙ୍କ ନିକଟତର ହୋଇପାରିଛନ୍ତି। 'ଭୈରବ' ଚଳଚ୍ଚିତ୍ର ପରେ 'ବ୍ଲାକ୍‌ମେଲ୍' ଚଳଚ୍ଚିତ୍ରରେ ତାଙ୍କୁ ଲିଡ୍ ରୋଲ୍‌ରେ ଦେଖିବାକୁ ମିଳିଥିଲା। ଛୋଟବେଳୁ ନୃତ୍ୟରେ ରୁଚି ରଖୁଥିବା ଆହାନା ଯେ ବଡ଼ ହୋଇ ଅଭିନେତ୍ରୀ ପାଲଟିବେ, ଏ କଥା ସେ ନିଜେ ବି ଜାଣି ନଥିଲେ। ଏକ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ପ୍ରଯୋଜକଙ୍କ ନଜର ପଡିଥିଲା ତାଙ୍କ ଉପରେ। ଏହାପରେ ସେ ଅଭିନୟ କରିବାକୁ ତାଙ୍କୁ ଅଫର୍ ଦେଇଥିଲେ, ମାତ୍ର ଆହାନା ପ୍ରଥମେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ବି ପରେ ରାଜି ହୋଇଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱରରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ରୀ। ପାଠପଢାକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ଏହା ମଧ୍ୟରେ ୩ଟି ଫିଲ୍ମରେ ଅଭିନୟ ପାଇଁ ମନା କରିଦେଇଛନ୍ତି। ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ କୌଣସି ଫିଲ୍ମ ନ କରିବାକୁ ଯୋଜନା ରଖିଥିବା ଆହାନା ଆମକୁ କହିଛନ୍ତି ତାଙ୍କ ଜୀବନର ଏକ ଅଭୁଲା ସ୍ମୃତି।

ମୁଁ ସେତେବେଳେ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲି। ଘରକୁ ଯିବା ପାଇଁ ଭୁବନେଶ୍ୱରରୁ ଯାଜପୁର ରୋଡ୍‌କୁ ଯାଉଥାଏ। ସକାଳ ୫ଟାରେ ଟ୍ରେନ ଥାଏ। ଘରୁ ବାହାରିଲା ବେଳକୁ ଡେରି ହୋଇଯାଇଥିଲା। ତେଣୁ ଷ୍ଟେଶନରେ ପହଞ୍ଚି କାଉଣ୍ଟରକୁ ଯାଇ ତରତର ହୋଇ ଟିକେଟ୍ ଆଣି ଟ୍ରେନ୍‌ରେ ଚଢିଗଲି। ଟିକେଟ୍ କରିଥିବାରୁ ସାଧାରଣ ଭାବେ ସିଟ୍ ନେଇ ବସିଥାଏ। କିଛି ସମୟ ପରେ ଟ୍ରେନ୍ ଯାଇ କଟକ ଷ୍ଟେଶନରେ ପହଞ୍ଚିଲା। ସେଠାରେ ଚେକିଂ ହେଉଥାଏ। ମୋ ପାଖରେ ବସିଥିବା ଅନ୍ୟ ଯାତ୍ରୀମାନେ ଟିଟିଆଇ ଆସୁଛନ୍ତି, ଚେକିଂ ହେଉଛି ବୋଲି କୁହାକୁହି ହେଉଥାନ୍ତି। ମୁଁ ବି ଆତ୍ମବିଶ୍ୱାସର ସହ ଟିକେଟକୁ ବ୍ୟାଗ୍‌ରୁ କାଢି ହାତରେ ଧରି ବସିଥାଏ। ଏତିକିବେଳେ ମୋ ନଜର ଟିକେଟ୍ ଉପରେ ପଡିଲା। ଦେଖିଲାବେଳକୁ ତାହା ଥିଲା ପ୍ଲାଟଫର୍ମ ଟିକେଟ। ମୁଁ ଯେତିକି ଆଶ୍ଚର୍ଯ୍ୟ ହୋଇଥିଲି ଟିକେଟ ନ ଥିବା ଜାଣି ସେତିକି ଭୟଭୀତ ହୋଇପଡ଼ିଥିଲି। ମୋ ଗୋଡ଼ ହାତ ଥରୁଥାଏ। ମୁଁ କ'ଣ କରିବି ନ କରିବି କିଛି ଜାଣିପାରୁ ନଥାଏ। ଏହି ସମୟରେ ମୁଁ ବସିଥିବା ବଗିକୁ ଜଣେ ବ୍ୟକ୍ତି ଚଢ଼ିଲେ। ଧଳାରଙ୍ଗର ପ୍ୟାଣ୍ଟ, ଶାର୍ଟ ସାଙ୍ଗକୁ କାନ୍ଧରେ କଳା ରଙ୍ଗର ବ୍ୟାଗ୍ ଝୁଲାଇ ଥାନ୍ତି। ତାଙ୍କୁ ଦେଖି ଟିଟିଆଇ ଆସିଲେ, ଏବେ ମତେ ଗାଳି କରିବେ ଭାବି ମୁଁ ପୂରା ଡରିଯାଇଥିଲି। ସେ ବଗି ଭିତରକୁ ଆସୁ ଆସୁ ମୁଁ ତାଙ୍କ ପାଖକୁ ଯାଇ ସାର୍ ପ୍ଲିଜ୍ ମତେ କ୍ଷମାକରି ଦିଅନ୍ତୁ, ମୋର ଭୁଲ୍ ହେଇ ଯାଇଛି, ମୁଁ ଜାଣିକି ଏମିତି କରିନି, ମତେ ନିଅନ୍ତୁନି, ଏତେ ଲୋକ ଅଛନ୍ତି ମତେ ଖରାପ ଲାଗିବ, ଦେଖନ୍ତୁ ମୁଁ ପ୍ଲାଟଫର୍ମ ଟିକେଟ କରିଛି ଏମିତି କହି ଚାଲିଥାଏ। ତାଙ୍କୁ କିଛି କହିବାକୁ ସୁଯୋଗ ଦେଉ ନଥାଏ। କିଛି ସମୟ ପରେ ସେ ବ୍ୟକ୍ତି ଜଣକ ମତେ କହିଲେ କି, ଆରେ ମା' ମୁଁ ଟିଟିଆଇ ନୁହେଁ। ମୋ ଅଫିସ୍ କାମରେ ଯାଜପୁର ରୋଡ୍ ଯାଉଛି, ତୁ ଜମା ବ୍ୟସ୍ତ ହୁଅନା। ତାଙ୍କଠାରୁ ଏତକ କଥା ଶୁଣି ମତେ ବହୁତ ହସ ଆଉ ଲାଜ ଲାଗିଥିଲା। ମୁଁ ଚୁପ୍‌ଚାପ୍ ଯାଇ ମୋ ସିଟ୍‌ରେ ବସିଲି। ଏକଥା ଯାଇ ଘରେ କହିବାରୁ ସମସ୍ତେ ହସିଥିଲେ।



–ରିପୋର୍ଟ: ବନ୍ଦନା ସେଠୀ

# ସେଲ୍ଫି କର୍ଣ୍ଣର



@ ମୋହନ



@ ମାନସ



@ ହିମାଦ୍ରୀ




@ ଆକାଶ



@ ଉର୍ବଶୀ



@ ସୁବାସ



@ ସାଇନି




@ ପ୍ରଭାସ



@ ସୁରେନ୍ଦ୍ର



@ ଶ୍ରୀନୁ



@ ସଞ୍ଜୟ



@ ସଞ୍ଜୁକ୍ତା



@ ପ୍ରଦୀପ

**ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

balasoreselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)



# ବେସାହାରାଙ୍କ ସଂଗ୍ରାମୀ ସାଥୀ

ସମାଜରେ ଅସହାୟ, ନିଷ୍ପେଷିତ ଲୋକଙ୍କ ସମେତ ପଛୁଆ ଜନଜାତିର ଲୋକଙ୍କ ସେବା ପାଇଁ ଭଦ୍ରକ ସହରର କେତେକ ଯୁବକ ସଂଗଠିତ ହୋଇ କାର୍ଯ୍ୟ କରୁଛନ୍ତି। ସେମାନେ ବେସାହାରା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇବା ସହ ଚାରାରୋପଣ, ରକ୍ତଦାନ ଶିବିର, ସ୍ବଚ୍ଛଭାରତ ସଚେତନତା ଭଳି କାର୍ଯ୍ୟକ୍ରମ ହାତକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଚରମ୍ପାର ଏକ ରାଇସମିଲ୍ ପରିସରରେ ଦୀର୍ଘବର୍ଷ ଧରି ରହିଆସୁଥିବା ଶ୍ରମିକମାନଙ୍କୁ ଉଚ୍ଛେଦ କରାଯିବା ଘଟଣା ନେଇ ସେମାନେ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରି ନିକଟରେ ବିସ୍ଥାପିତଙ୍କୁ ଥଇଥାନ କରାଇବାକୁ ସମର୍ଥ ହୋଇଛନ୍ତି।

ଶତାଧିକ ଯୁବକ ମିଶି ଗଢ଼ିଥିବା ଏହି ସଙ୍ଗଠନର ନାମ ‘ସ୍ୱୟଂଚାଳିତ ସୁରକ୍ଷା ସଙ୍ଗଠନ’ ରଖାଯାଇଛି। ବନ୍ତ ଛକ ଶ୍ରୀକ୍ଷେତ୍ର କମ୍ପ୍ଲେକ୍ସରେ ଏହାର କାର୍ଯ୍ୟାଳୟ ରହିଛି। ସଦସ୍ୟମାନେ ନିୟମିତ ବୈଠକ କରି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପରେ ତାହାକୁ ରୂପାୟନ କରୁଛନ୍ତି। ସଙ୍ଗଠନର ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଭବେନ୍ଦ୍ର କୁମାର ସାହୁ ଜଣେ କୃଷକ ନେତା ଭାବେ ପରିଚିତ। ସେହିପରି ଜଗବନ୍ଧୁ ବେହେରା ସଙ୍ଗଠନର ପରାମର୍ଶଦାତା ରହିଥିବା ବେଳେ ରାଜକିଶୋର ଦାସ ଉପସଭାପତି, ରଞ୍ଜନ କୁମାର ପଣ୍ଡା ଆଇନ ପରାମର୍ଶଦାତା ଓ ମୁଖପାତ୍ର ଏବଂ ରାଜେନ୍ଦ୍ର ସାହୁ ମିଡିଆ ସେଲ୍ ଦାୟିତ୍ୱରେ ରହି କାର୍ଯ୍ୟ କରୁଛନ୍ତି। ସଙ୍ଗଠନର ସଦସ୍ୟ ସଂଖ୍ୟା ବଢ଼ି ଶହେ ଟପିଛି। ସଙ୍ଗଠନର କର୍ମକର୍ତ୍ତା କହିଛନ୍ତି ଯେ, ଜିଲାରେ ବହୁ ଆଦିବାସୀ ଓ ଦଳିତ ଲୋକେ ଅବହେଳିତ ଅବସ୍ଥାରେ ରହିଛନ୍ତି। ସେମାନେ ବିଭିନ୍ନ ସରକାରୀ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଅବହେଳିତ ଅସହାୟ ଲୋକଙ୍କୁ ସରକାରୀ କାର୍ଯ୍ୟାଳୟରେ ନିୟମିତ ସହାୟତା ପ୍ରଦାନ କରିବାକୁ ସଙ୍ଗଠନ ସଦସ୍ୟମାନେ ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି। ଜିଲାରେ ଅସହାୟ ଲୋକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ସଙ୍ଗଠନର ମୁଖ୍ୟ ଲକ୍ଷ୍ୟ। ସେହିପରି ମହିଳାଙ୍କ ପ୍ରତି ବୃଦ୍ଧି ପାଇଥିବା ଆକ୍ରମଣ ଓ ନିର୍ଯାତନା ଘଟଣା ନେଇ ସେମାନେ ସ୍ୱର ଉତ୍ତୋଳନ କରି ଆସୁଛନ୍ତି। ଆଗାମୀ ଦିନରେ ସେବାମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ସଙ୍ଗଠନର ସଦସ୍ୟମାନେ ସଂକଳ୍ପ ନେଇଛନ୍ତି। ଗତ ମାର୍ଚ୍ଚ ମାସରେ ଗଢ଼ି ଉଠିଥିବା ‘ସ୍ୱୟଂଚାଳିତ ସୁରକ୍ଷା ସଙ୍ଗଠନ’ କାହାରି ସହାୟତାକୁ ଅପେକ୍ଷା ନ କରି ନିଜସ୍ୱ ଉଦ୍ୟମରେ ସେବା କାର୍ଯ୍ୟ କରି ବେସାହାରାଙ୍କ ସଂଗ୍ରାମୀ ସାଥୀ ଭାବେ ନିଜକୁ ପରିଚିତ କରାଇ ପାରିଛନ୍ତି। ସେବା କାର୍ଯ୍ୟ ଲାଗି ସଙ୍ଗଠନର ଉତ୍ସର୍ଗୀକୃତ ସଦସ୍ୟମାନେ ନିଜ ହାତରୁ ଖର୍ଚ୍ଚ ବହନ କରି ଏବଂ ସମୟ ଦେଇ କାର୍ଯ୍ୟ କରୁଛନ୍ତି। ଯୁବଗୋଷ୍ଠୀ ମଧ୍ୟରେ ଉତ୍ସାହ ସୃଷ୍ଟି କରି ସେମାନଙ୍କୁ ସମାଜସେବା ଆଡ଼କୁ ଆକର୍ଷିତ କରିବାକୁ ସେମାନେ ଉଦ୍ୟମ ଜାରି ରଖିଛନ୍ତି। ସହରବାସୀଙ୍କ ସମର୍ଥନ ଓ ପ୍ରେରଣା ସଙ୍ଗଠନ ସଦସ୍ୟଙ୍କୁ ଉତ୍ସାହିତ କରିଛି ବୋଲି ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ କହିଛନ୍ତି।

**ରିପୋର୍ଟ: ବିଭୁପ୍ରସାଦ ବେହେରା**

# ‘ପାଲା ସଂସ୍କୃତିର ସୁରକ୍ଷା ଲୋଡ଼ା’

## ଏକକାଳୀନ ୪୨ ରାତି ପାଲା ପରିବେଷଣ ଅନୁଭୂତି ସାଉଣ୍ଟିଛନ୍ତି ଗଣେଶ

ଓଡ଼ିଶାର ପାଲା ସଂସ୍କୃତି ଅନନ୍ୟ। ଏହା ଶିକ୍ଷା, ସାହିତ୍ୟଚର୍ଚ୍ଚା ଓ ମନୋରଞ୍ଜନର ଏକ ବଳିଷ୍ଠ ମାଧ୍ୟମ। ଆଜି ବି ବିଭିନ୍ନ ଅଞ୍ଚଳରେ ପାଲାର ଯଥେଷ୍ଟ ଆଦର ରହିଛି। ଗାୟକମାନେ ରୁଚିସମ୍ପନ୍ନ ହୋଇ ଯୁଗୋପଯୋଗୀ ଲେଖା ପରିବେଷଣ କଲେ ଏହା ଅଧିକ ଲୋକପ୍ରିୟ ହୋଇ ପାରିବ । ପାଲା ସଂସ୍କୃତିର ବୈଶିଷ୍ଟ୍ୟକୁ ଉପଲବ୍ଧ କରି ଏହାର ପ୍ରଚାର ପ୍ରସାର ଲାଗି ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ବିଶିଷ୍ଟ ଗାୟକ ଗଣେଶ ଦାସ କହିଛନ୍ତି।

ଦୀର୍ଘ ୪ ଦଶନ୍ଧି ଧରି ପାଲା ସଂସ୍କୃତିର ପ୍ରଚାର ପ୍ରସାର କାର୍ଯ୍ୟ କରବା ସାଙ୍ଗକୁ ଏହାକୁ ଜୀବନ ଜୀବିକାର ମାଧ୍ୟମ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି ଗଣେଶ। ଆଜି ବି ତାଙ୍କ ପାଲା ପରିବେଷଣ ଶୈଳୀ ସମସ୍ତଙ୍କୁ ମୁଗ୍ଧ କରୁଛି। ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଚର୍ଚ୍ଚା ସାଙ୍ଗକୁ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରି ବିଭିନ୍ନ ଅଞ୍ଚଳରେ ସେ ସୁପରିଚିତ ହୋଇ ପାରିଛନ୍ତି। ଜଣେ ଆଗଧାଡ଼ିର ବାଦି ପାଲା ଗାୟକ ଭାବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଛନ୍ତି। ପାଲା ପ୍ରତି ଲୋକଙ୍କ ଆଦର କମିଥିବା କଥାକୁ ସେ ସ୍ୱୀକାର କରନ୍ତି ନାହିଁ । ସୁନ୍ଦରଗଡ଼ରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଏକକାଳୀନ ୪୨ ରାତି ପାଲା ପରିବେଷଣ କରିବା ଭଳି ଅନୁଭୂତି ସେ ସାଉଣ୍ଟିଛନ୍ତି। ଉପଯୁକ୍ତ ଅଧ୍ୟୟନ ଓ ସାଧନା ସାଙ୍ଗକୁ ସଙ୍ଗୀତ କଳାରେ ନୈପୁଣ୍ୟ ଓ ଯୁକ୍ତିସଙ୍ଗତ ବ୍ୟାଖ୍ୟା ପାଲା ପରିବେଷଣକୁ ଅଧିକ ପ୍ରଭାବଶାଳୀ କରିଥାଏ ବୋଲି ସେ କହନ୍ତି।

ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ଗଣେଶ ପାଲା ଗାଇବା ଆରମ୍ଭ କରିଥିଲେ। ସେତେବେଳେ ଗାୟକ ପରମାନନ୍ଦ ଶରଣ ଓ ଗାୟକ ଜଗନ୍ନାଥ ବେହେରାଙ୍କ ପାଲା ଶୁଣି ସେ ପ୍ରଭାବିତ ହୋଇଥିଲେ। ସେମାନେ ପାଲା ସହିତ ପାଠ୍ୟପୁସ୍ତକର ବିଭିନ୍ନ କାବ୍ୟକବିତା ଉପରେ ମଧ୍ୟ ଆଲୋଚନା କରୁଥିଲେ। ଗାୟକ ପରମାନନ୍ଦଙ୍କ ଠାରୁ ପାଲା ଶିକ୍ଷା କରିବା ସାଙ୍ଗକୁ ହରିବନ୍ଧୁ ସାହୁଙ୍କ ଠାରୁ ତବଲା ବାଦନ ଶିଖିଥିଲେ। ଏଥିସହ ବିଭିନ୍ନ ପ୍ରାଚୀନ ଗ୍ରନ୍ଥ ପଢ଼ି ଶିକ୍ଷା ଗ୍ରହଣ କରିଥିଲେ । ଓଡ଼ିଶାରେ ଏବେ ପ୍ରାୟ ୩୩ ଶହ ଗାୟକ ପାଲା ପରିବେଷଣ କରୁଛନ୍ତି। ଏମାନଙ୍କ ମଧ୍ୟରେ ବାଦୀପାଲା ଗାୟକମାନେ ଅଧିକ ପ୍ରତିଷ୍ଠା ଅର୍ଜନ କରି ପାରିଛନ୍ତି।

ଗଣେଶଙ୍କ ଘର ଭଦ୍ରକ ଜିଲା ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ସାଟିଉଟି ଗ୍ରାମରେ । ୪ଝିଅ, ୨ପୁଅ ଏବଂ ପତ୍ନୀଙ୍କୁ ନେଇ ତାଙ୍କ ପରିବାର । ବିଭିନ୍ନ ଅଞ୍ଚଳକୁ ଯାଇ ନିରବଚ୍ଛିନ୍ନ ଭାବେ ସେ ପାଲା ପରିବେଷଣ କରିବା ସହ ପରିବାରର ସମସ୍ତ ଦାୟିତ୍ୱ ତୁଲାଇ ଆସିଛନ୍ତି। ପାଲା ପରିବେଷଣକୁ ସମୟ ଉପଯୋଗୀ କରାଗଲେ ଏହା ଯୁବପିଢି ସମେତ ସବୁ ଶେଣୀର ଶ୍ରୋତାଙ୍କୁ ଆକୃଷ୍ଟ କରିପାରିବ ବୋଲି ସେ କହନ୍ତି।

ରିପୋର୍ଟ: **ସଞ୍ଜିତ ବଳ**



ପାଲାଗାୟକ ଗଣେଶ ଦାସ

# ଟେନିସ୍ ଖେଳେ, ସାଇକେଲିଂ କରେ




## ନିଜ କଥା

**ସତ୍ୟଜିତ ମହାନ୍ତି**
ଭୁବନେଶ୍ୱର-କଟକ ଦ୍ୱୈତନଗରୀର ଷଷ୍ଠ ପୋଲିସ କମିଶନର

**୧୯୮୮ ବ୍ୟାଚର ଆଇପିଏସ୍ ଅଫିସର ସତ୍ୟଜିତ ମହାନ୍ତି। ଏବେ ଭୁବନେଶ୍ୱର-କଟକ ଦ୍ୱୈତନଗରୀର ଷଷ୍ଠ ପୋଲିସ କମିଶନର ଭାବେ ଅଗଷ୍ଟ ୩ ତାରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଜଣେ ଲେଖକ ମଧ୍ୟ। ସେ ଇତିମଧ୍ୟରେ ୫ଟି ବହି ଲେଖି ସାରିଛନ୍ତି। ସେଥିମଧ୍ୟରୁ 'କମ୍ୟୁନିଟି ପୋଲିସ' ପୁସ୍ତକ ରାଜ୍ୟ ବାହାରେ ତାଙ୍କୁ ପରିଚିତ କରାଇଥିଲା। ପିଲାବେଳୁ ସେ ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳ ହେବା ପାଇଁ ସ୍ୱପ୍ନ ଦେଖୁଥିଲେ। ନିଜ ଅଧ୍ୟବସାୟ ବଳରେ ସେଥିରେ ସଫଳ ମଧ୍ୟ ହୋଇଥିଲେ। ହେଲେ ସେ ଆଇପିଏସ୍ ପାଇବା ପୂର୍ବରୁ ରେଲୱେ ଟ୍ରାଫିକ ସର୍ଭିସ୍‌ରେ ଯୋଗଦେଇଥିଲେ। ଆଇପିଏସ୍ ପାଇବା ପରେ ଜୟପୁରରେ ଏଏସ୍‌ପି ଭାବେ ପୋଲିସ ବିଭାଗରେ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ପୁରୀରେ ଅତିରିକ୍ତ ଏସ୍‌ପି, କୋରାପୁଟ, ରାଉରକେଲା, କଟକ, ବାଲେଶ୍ୱର, ଭିଜିଲାନ୍ସ ଏସ୍‌ପି ସମେତ ବହୁ ଉଚ୍ଚ ପଦବୀରେ କାର୍ଯ୍ୟ ତୁଲାଇ ଆସିଛନ୍ତି। କେନ୍ଦ୍ରାପଡ଼ା ସହର ଉପକଣ୍ଠ ଦୁହୁରିଆ ନିକଟ ପାଣ୍ଡିରି ଗାଁରେ ଜନ୍ମଗ୍ରହଣ କରିଥିବା ଏହି ପୋଲିସ ଅଧିକାରୀଙ୍କ କିଛି ବ୍ୟକ୍ତିଗତ କଥା ସ୍ଥାନିତ ହୋଇଛି ଏହି ସପ୍ତାହର 'ନିଜ କଥା' ସ୍ତମ୍ଭରେ।**

**ଯେତେବେଳେ ଆଇପିଏସ୍ ପାଇଲେ, ଆପଣ କେମିତି ଅନୁଭବ କରିଥିଲେ?**

✪ ମୁଁ ଖୁସି ଥିଲି। ମୁଁ ସ୍କୁଲରେ ପାଠ ପଢ଼ିବା ସମୟରେ ସିଭିଲ ସର୍ଭିସ୍ ପାଇଁ ଚିନ୍ତା କରୁଥିଲି। ଯେବେ ସିଭିଲ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆଇପିଏସ୍ ପାଇଲି ସେହିଦିନ ବହୁତ ଖୁସି ଲାଗିଥିଲା।

**ପ୍ରଥମ ଦରମା କ'ଣ କରିଥିଲେ?**

✪ ମୁଁ ପ୍ରଥମେ ମୋର ଜେଜେମା' ଓ ମା'ଙ୍କ ପାଇଁ କିଛି ଉପହାର ଆଣିଥିଲି।

**ଆପଣଙ୍କର ଆଦର୍ଶ କିଏ?**

✪ ମୋର ଆଦର୍ଶ ସେପରି କେହି ନଥିବା ବେଳେ ମୁଁ ଭଗବାନଙ୍କ ଉପରେ ଭରସା ରଖେ।

**ଚାକିରି ବ୍ୟସ୍ତତା ମଧ୍ୟରେ ଲେଖାଲେଖି କେମିତି କରନ୍ତି?**

✪ ମୁଁ ଯେଉଁ ବିଷୟ ଉପରେ ଲେଖିବା ପାଇଁ ମନସ୍ଥ କରେ, ସେ ବିଷୟରେ ଅନେକ ଗବେଷଣା କରେ। ପରେ ଉକ୍ତ ଗବେଷଣାକୁ ଭିତ୍ତିକରି ଲେଖାଲେଖି କରେ। ବିଶେଷ କରି ରାତିରେ ଲେଖାଲେଖି କରିଥାଏ।

**ସିନେମା ଦେଖନ୍ତି?**

✪ ହଁ, ମୋତେ ସିନେମା ଦେଖିବାକୁ ଭଲଲାଗେ। ଭଲ ଫିଲ୍ମ ହୋଇଥିଲେ ପରିବାର ସହ ଯାଉ ଫିଲ୍ମ ଦେଖିବାକୁ। ଶେଷ ଥର ମୁଁ ପରିବାର ସହ ଫିଙ୍କ୍ ଫିଲ୍ମ ଦେଖିବାକୁ ପ୍ରେକ୍ଷାଳୟ ଯାଇଥିଲି।

**ଗୀତ ଶୁଣନ୍ତି ?**

✪ ହଁ ଗୀତ ଶୁଣେ, ମୋତେ ହିନ୍ଦୀ ଓ ଓଡ଼ିଆର ପୁରୁଣା ଗୀତ ଶୁଣିବା ପାଇଁ ଭଲଲାଗେ। ମୋତେ ଅକ୍ଷୟ ମହାନ୍ତିଙ୍କ 'ଚନ୍ଦ୍ର ମଲି ହସେ, ଚିତ୍ରଲେଖା ଓଠେ' ଗୀତ ବହୁତ ଭଲ ଲାଗେ।

**ରୋଷେଇ ଜାଣନ୍ତି?**

✪ ହଁ, ମୁଁ ନିଜେ ଖାଇବା ପାଇଁ ଯାହା ଦରକାର କରିପାରିବି। ବାହାରେ ରହି ପଢ଼ିବା ସମୟରେ ମୁଁ ନିଜ ହାତରେ ରୋଷେଇ କରି ଖାଉଥିଲି। ସେବେଠୁ ରୋଷେଇ ଶିଖିଥିଲି।

**ଲଭ୍ ନା ଆରେଞ୍ଜ ମ୍ୟାରେଜ?**

✪ ମୋର ଆରେଞ୍ଜ ମ୍ୟାରେଜ।

**ସହଧର୍ମିଣୀଙ୍କ କେଉଁ ଗୁଣ ଭଲ ଲାଗେ?**

✪ ସେ ଚକ୍ଷୁ ବିଶେଷଜ୍ଞ ଅଛନ୍ତି। ତାଙ୍କ ମନରେ ଗର୍ବ ନାହିଁ। ତାଙ୍କ ଦରଦୀ ମନୋଭାବ ମତେ ଭଲ ଲାଗେ।

**ଜୀବନର କିଛି ସ୍ମୃତି?**

✪ ୧୯୯୯ ମହାବାତ୍ୟା ସମୟରେ ମୁଁ କଟକର ଏସ୍‌ପି ଥିଲି। ମହାବାତ୍ୟା ହେବା ଦ୍ୱାରା ଚାରିଆଡ଼େ ପରିସ୍ଥିତି ଖରାପ। ଲୋକମାନେ ଖାଇବା ପାଇଁ ହାହାକାର ହୋଇଯାଇଥିଲେ। ସରକାରଙ୍କ ଯେଉଁ ରିଲିଫ୍ ଆସୁଥିଲା ଲୋକେ ତାକୁ ଅଧାବାଟରୁ ଲୁଟପାଟ କରି ନେଇଯାଉଥିଲେ। ସେତେବେଳେ ଆଇନକାନୁନ ଏକ ପ୍ରକାର ବିଫଳ ହୋଇଯାଇଥିଲା। କିଭଳି ପୂର୍ବ ସ୍ଥିତି ଫେରାଇ ଆଣିବି ତାହା ମୋ ପାଇଁ ଚ୍ୟାଲେଞ୍ଜ ଥିଲା। ଏପରିକି କେଉଁ ସ୍ଥାନକୁ ରିଲିଫ୍ ଯିବ, ସବୁ ଦାୟିତ୍ୱ ମୁଁ ବୁଝିଥିଲି। ଶେଷରେ ପରିସ୍ଥିତି ସୁଧୁରିଥିଲା। ସେତେବେଳର ଘଟଣା ମୋ ଜୀବନର ଏକ ସ୍ମୃତି ହୋଇ ରହିଛି।

**କେଉଁଭଳି ପୋଷାକ ପିନ୍ଧିବାକୁ ଭଲ ପାଆନ୍ତି?**

✪ ବୟସ ଅନୁସାରେ ରୁଚି ବଦଳିଛି। ଏବେ ଧଳା ରଙ୍ଗର ପୋଷାକ ପିନ୍ଧିବାକୁ ଭଲଲାଗେ।

**ବୁଲିଥିବା ସ୍ଥାନଗୁଡ଼ିକ ମଧ୍ୟରେ କେଉଁ ସ୍ଥାନ ଆପଣଙ୍କୁ ଆକୃଷ୍ଟ କରିଛି?**

✪ ପ୍ରାୟତଃ ସବୁ ସ୍ଥାନ ବୁଲିଛି, କିନ୍ତୁ ମୋତେ କଶ୍ମୀରର ଲଦାଖ ଓ ସିକିମ୍ ଭଲ ଲାଗେ।

**ସିଭିଲ ସର୍ଭିସ୍ ପାଇଁ ପ୍ରସ୍ତୁତି କରୁଥିବା ଯୁବତୀଯୁବକଙ୍କୁ ଆପଣ କ'ଣ କହିବେ?**

✪ ସେମାନେ ସାଧାରଣ ଜ୍ଞାନ ଉପରେ ଅଧିକ ଧ୍ୟାନ ଦିଅନ୍ତୁ। ଖବରକାଗଜ ପଢ଼ାପଢ଼ି କରିବା ସହ ବିଭିନ୍ନ ପୁସ୍ତକ ପଢ଼ନ୍ତୁ। ପରିଶ୍ରମ କରନ୍ତୁ, ସଫଳତା ନିଶ୍ଚୟ ମିଳିବ।

**ଫିଟ୍ ରହିବା ପାଇଁ କ'ଣ କରନ୍ତି?**

✪ ନିଜକୁ ଫିଟ୍ ରଖିବା ପାଇଁ ପ୍ରତ୍ୟେକ ଦିନ ମୁଁ ଟେନିସ୍ ଖେଳେ। ରବିବାର ମୁଁ ସାଇକେଲିଂ କରେ। ଏହାଦ୍ୱାରା ମୋର ଶରୀର ସୁସ୍ଥ ରହିବା ସହ ମନ ମଧ୍ୟ ପ୍ରଫୁଲ୍ଲ ରହିଥାଏ।

- ସାକ୍ଷାତ୍: ତ୍ରିନାଥ ମହାନ୍ତି



## ଫିଟ୍‌ନେସ୍

# ଆଇସକ୍ରିମ୍, ମୃଦୁପାନୀୟଠାରୁ ଦୂରେଇ ରୁହେ

ନାୟକ ହେଉ ଅବା ଖଳନାୟକ, ସବୁ ପ୍ରକାର ଚରିତ୍ରକୁ ନିଖୁଣ ଭାବେ ତୁଲାଇ ପାରୁଥିବା ଅଭିନେତା ହେଉଛନ୍ତି ସମରେଶ ରାଉତରାୟ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଓ ନ୍ୟାଶନାଲ୍ ସ୍କୁଲ ଅଫ୍ ଡ୍ରାମାରେ ପଢ଼ିବା ପରେ ପ୍ରଥମେ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏହାପରେ ଓଡ଼ିଶାକୁ ଫେରି ଓଡ଼ିଆ ଚଳଚ୍ଚିତ୍ରରେ ନିଜ ଅଭିନୟର ଯାଦୁ ଦେଖାଇଥିଲେ। ଆଗକୁ 'ଇସ୍କ ପୁଣି ଥରେ' ଏବଂ 'ପ୍ରେମ ପାଇଁ ମହାଭାରତ' ଚଳଚ୍ଚିତ୍ରରେ ତାଙ୍କୁ ଦେଖିବାକୁ ମିଳିବ। ଏହି ବ୍ୟସ୍ତବହୁଳ ଅଭିନେତା ନିଜକୁ ଫିଟ୍ ରଖିବା ପାଇଁ ବେଶ୍ ସଚେତନ। ଆଗରୁ ଆମିଷ ଖାଉଥିଲେ ବି ଗତ ୧ବର୍ଷ ହେବ ସେ କେବଳ ନିରାମିଷ ଖାଉଛନ୍ତି, ଯାହା ତାଙ୍କ ଫିଟ୍‌ନେସ୍‌ର ବଡ଼ କାରଣ ବୋଲି ସେ କହିଛନ୍ତି। ତେବେ ନିୟମିତ ଭାବେ ସେ କୌଣସି ଏକ୍ସରସାଇଜ୍ କରି ନ ଥାନ୍ତି। ଯେବେ ତାଙ୍କୁ ଲାଗେ କି ଓଜନ ବଢ଼ିଯାଉଛି, ସେତେବେଳେ ୨/୩ ମାସ ପାଇଁ ସେ ଏକ୍ସରସାଇଜ୍ କରିଥାନ୍ତି। ଚାଲିବା ପାଇଁ ଇଚ୍ଛା ଥିଲେ ବି ବ୍ୟସ୍ତତା ଭିତରେ ତାଙ୍କୁ ସମୟ ମିଳି ନ ଥାଏ। ତେଣୁ ଯେଉଁଠିକୁ ଯିବାକୁ ଥାଏ ତାହାର କିଛି ଦୂରରେ ସେ ଗାଡି ପାର୍କିଂ କରି ସେତିକି ବାଟ ଚାଲି ଯାଇଥାନ୍ତି। ଘରୋଇ ଖାଦ୍ୟ ଖାଇବାକୁ ଭଲପାଉଥିବା ଏହି ଅଭିନେତା ବ୍ରେକ୍‌ଫାଷ୍ଟରେ ଇଡ୍‌ଲି, ଦଲିଆ, ଉପମା, କର୍ନଫ୍ଲେକ୍ସ ଖାଇଥାନ୍ତି। ଦିନରେ ଭାତ, ଡାଲି, ତରକାରି, ଭଜା ଖାଇଥାନ୍ତି ଏବଂ ରାତିରେ ଦୁଇପଟ ରୁଟି ସହ ସନ୍ତୁଳା କିମ୍ବା ଭଜା ଖାଇଥାନ୍ତି। ଜଙ୍କ୍‌ଫୁଡ୍ ଖାଇବାକୁ ଭଲପାଉ ନ ଥିବାବେଳେ ଆଇସକ୍ରିମ୍ ଏବଂ ମୃଦୁପାନୀୟ ଠାରୁ ଦୂରେଇ ରୁହନ୍ତି। ଥଣ୍ଡା ଖାଦ୍ୟ ଓ ପାନୀୟ ଦ୍ୱାରା ଦେହ ଖରାପ ହେଉଥିବାରୁ ଛୋଟବେଳୁ ସେ ଏହାକୁ ଖାଆନ୍ତି ନାହିଁ।

– ରିପୋର୍ଟ: ବନ୍ଦନା ସେଠୀ



**ଧରିତ୍ରୀ ଆଳାପ**
**ସନ୍ମିରା ନଗେଶ**

ବର୍ତ୍ତମାନ ସମୟରେ ସିନେପ୍ରେମୀଙ୍କ ଆକର୍ଷଣ ସାଜିଛନ୍ତି ଚୁଲବୁଲି ନାୟିକା ସନ୍ମିରା ନଗେଶ। ପିଲା ଦିନରୁ ତାଙ୍କର ମଡେଲିଂ ପ୍ରତି ଦୁର୍ବଳତା ଥିଲା। ମଡେଲିଂରେ କ୍ୟାରିୟର କରିବେ ବୋଲି ଚିନ୍ତା କରୁଥିଲେ। ତେଣୁ ଛୋଟ ବେଳରୁ ବିଭିନ୍ନ ମଡେଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିଲେ। କିନ୍ତୁ ସୌଭାଗ୍ୟବଶତଃ ତାଙ୍କୁ ଶିଶୁ କଳାକାର ଭାବେ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଗଲା, ଯିଏକି ଏବେ ଓଡ଼ିଆ ଚଳଚ୍ଚିତ୍ର ଦୁନିଆର ଚମକୁଥିବା ଷ୍ଟାର ହୋଇଯାଇଛନ୍ତି। ସନ୍ମିରା ୨୦୦୯ରେ 'ସୁନା ଚଢ଼େଇ ରୁପା ଚଢ଼େଇ' ଫିଲ୍ମ ଜରିଆରେ ପ୍ରଥମେ ନଜର ଆସିଥିଲେ। ଏହାପରେ ସେ 'ଆକାଶେ କି ରଙ୍ଗ ଲାଗିଲା', 'ଆଲୋ ମୋର କଣ୍ଢେଇ', 'ଶପଥ', 'ପ୍ରେମ ରୋଗୀ' ଭଳି ସୁପରହିଟ୍ ଫିଲ୍ମରେ ଶିଶୁ କଳାକାର ଭାବେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଛନ୍ତି। କିନ୍ତୁ ପାଠପଢ଼ା ପାଇଁ ସେ ଫିଲ୍ମ ଜଗତରୁ ଗ୍ୟାପ୍ ଚାହିଁଲେ। ମାଟ୍ରିକ୍ ପରୀକ୍ଷା ଶେଷ ହେବା ପରେ ସେ ଓଡ଼ିଆ ଚଳଚ୍ଚିତ୍ର ଦୁନିଆକୁ ଜବରଦସ୍ତ ଢଙ୍ଗରେ ଫେରିଥିଲେ। କିନ୍ତୁ ଶିଶୁ କଳାକାର ଭାବେ ନୁହେଁ, ବରଂ ଲିଡ୍ ହିରୋଇନ ଭାବେ। ଏଥିପାଇଁ ସେ ପାଇଥିବା ଅଫରକୁ ଗ୍ରହଣ କରିନେଇଥିଲେ। ୨୦୧୭ରେ ତାଙ୍କର ପ୍ରଥମ ଫିଲ୍ମ 'ସପନର ପଥେ ପଥେ' ଆସିଥିଲା। ଏହାପରେ ସେ 'ଲୈଲା ଓ ଲୈଲା' ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ତେବେ 'ଲୈଲା ଓ ଲୈଲା' ଚଳଚ୍ଚିତ୍ରର ଶୁକୁଟି ସାହୁ ଗୀତ ପାଇଁ ସେ ପପୁଲାର ହୋଇଥିଲେ। ନିଜ ଅଭିନୟ ଓ ଡ୍ୟାନ୍ସର ଯାଦୁରେ ଦର୍ଶକଙ୍କ ଭଲପାଇବା ସାଉଁଟିଥିବା ଏହି ନାୟିକାଙ୍କ ଘର ବାରିପଦାରେ। କିଛିଦିନ ତଳେ ସନ୍ମିରାଙ୍କ ଅଭିନୀତ ଫିଲ୍ମ 'ଲୋକାଲ ଟୋକା ଲଭ୍ ଚୋଖା' ପରଦାକୁ ଆସିଥିବାବେଳେ ଆଉ ଏକ ଫିଲ୍ମ 'ଲଭ୍ ଏକ୍ସପ୍ରେସ୍'ର ଶୁଟିଂରେ ସେ ବ୍ୟସ୍ତ। ଚଳିତ ସପ୍ତାହର 'ଧରିତ୍ରୀ ଆଳାପ' ସ୍ତମ୍ଭରେ ସ୍ଥାନ ପାଇଛି ସନ୍ମିରାଙ୍କ କଥା।



# ନୂଆ ନୂଆ ଷ୍ଟୋରିକୁ ନେଇ ଫିଲ୍ମ ହେଉ

**ଶିଶୁ କଳାକାରରୁ ମୁଖ୍ୟ ନାୟିକାର ଯାତ୍ରା କିପରି ଥିଲା ?**

ବହୁତ ଭଲ ଥିଲା। ୨୦୧୧ରେ ମୁଁ ଚଳଚ୍ଚିତ୍ରରୁ ବ୍ରେକ୍ ନେଇଥିଲି। ୨୦୧୭ରେ ମୁଖ୍ୟ ନାୟିକା ଭାବେ ଇଣ୍ଡଷ୍ଟ୍ରିକୁ କମ୍‌ବ୍ୟାକ୍ କଲି, ଯାହାକୁ ମୁଁ ଆଶା କରି ନ ଥିଲି। ସ୍କ୍ରିନ୍ ଟେଷ୍ଟ ପାଇଁ ସୁଶାନ୍ତ ମଣି ଡାକିଥିଲେ। ସେଥିରେ ମୁଁ ମନୋନୀତ ହୋଇଥିଲି। ତାଙ୍କର ଦୁଇଟା ଫିଲ୍ମ ପାଇଁ ମୁଁ ସାଇନ କରିଥିଲି।

**ଛୋଟ ବେଳେ ଅଭିନେତା ସ୍ୱରାଜଙ୍କ ସହିତ କାମ କରିଥିଲେ। ତାଙ୍କ ଅପୋଜିଟ୍‌ରେ କାମ କରିବାର ଅନୁଭୂତି କିପରି ଥିଲା?**

ଯଦିଓ ଛୋଟବେଳେ ଆମେ ଏକା ସାଙ୍ଗରେ ଅଭିନୟ କରିଥିଲୁ, କିନ୍ତୁ ତା'ପରଠାରୁ ଆମେ କେବେ ଦେଖା ହୋଇ ନ ଥିଲୁ। 'ଲୈଲା ଓ ଲୈଲା' ପାଇଁ ଯେଉଁଦିନ ସ୍କ୍ରିନ ଟେଷ୍ଟ ପାଇଁ ଆସିଥିଲୁ ସେଦିନ ଦେଖାହେଲା। ଆମ ଭିତରେ କୋଅର୍ଡିନେଶନ ବହୁତ ଭଲ ଥିଲା। ସାଙ୍ଗ ଭଳି ସବୁବେଳେ ରହିଥାଉ।

**'ଲୈଲା ଓ ଲୈଲା' ଫିଲ୍ମର ଟାଇଟଲ ସଙ୍ଗ୍ ହେଉ କିମ୍ବା ଶୁକୁଟି ସାହୁ ଗୀତ ହେଉ ଆପଣ ଦୁହିଁଙ୍କ କୋଅର୍ଡିନେଶନ ଓ ଡ୍ୟାନ୍ସ ଫର୍ମ ଦର୍ଶକଙ୍କ ହୃଦୟ ଜିତିଥିଲା। ଏନେଇ କ'ଣ କହିବେ?**

ଡ୍ୟାନ୍ସରେ ମୁଁ ସବୁବେଳେ ମୋର ବେଷ୍ଟ ଦେବା ପାଇଁ ଚେଷ୍ଟା କରେ। କୋରିଓଗ୍ରାଫରଙ୍କ ଉପରେ ମୁଁ ସର୍ବଦା ନିର୍ଭର କରେ। ସେ ଯେତେ ଫ୍ରି ଛାଡ଼ନ୍ତି, ମୁଁ ସେତେ ଭଲ କରିପାରେ। ଟାଇଟଲ ଟ୍ରାକ୍‌ରେ ସୁମନ୍ତ ସାର ଥିଲେ। ସେ ଅନେକ ଜାଗାରେ ଆମକୁ ନିଜର ଓପିନିୟନ ଦେଇଛନ୍ତି, ଯାହା ଫଳରେ ଡ୍ୟାନ୍ସ ଫର୍ମକୁ ଧରିବା ପାଇଁ ବହୁତ ସହଜ ହୋଇଥିଲା। ଶୁକୁଟି ସାହୁରେ ଲବୁନ-ଟୁବୁନ କୋରିଓଗ୍ରାଫର ଥିଲେ। ପ୍ରତ୍ୟେକ ଷ୍ଟେପ୍‌କୁ ସିଏ କ୍ଲାରିଟି ସହ ଦେଖାନ୍ତି। ଏଥି ସହିତ କୋ-ଆର୍ଟିଷ୍ଟ ବହୁତ ଭଲ ଥିଲେ। ତାଙ୍କର ଏନର୍ଜେଟିକ୍ ଡ୍ୟାନ୍ସ ଦେଖି ମୋତେ ବହୁତ ଭଲ ଡ୍ୟାନ୍ସ କରିବାକୁ ଇଚ୍ଛା ହୋଇଥିଲା।

**କେଉଁଭଳି କ୍ୟାରେକ୍ଟରରେ ଅଭିନୟ କରିବାକୁ ଇଚ୍ଛା ଅଛି?**

ବର୍ତ୍ତମାନ ସୁଦ୍ଧା ସେଭଳି କୌଣସି ନିର୍ଦ୍ଦିଷ୍ଟ କ୍ୟାରେକ୍ଟରରେ ଅଭିନୟ କରିବା ପାଇଁ ଭାବିନାହିଁ। କିନ୍ତୁ ମୁଁ ଚାହୁଁଛି ଯାହା ବି ଅଫର ଆସୁଛି ସବୁ ଭିନ୍ନ ଭିନ୍ନ ଚରିତ୍ର ଉପରେ ଆସୁ। ଫଳରେ ମୁଁ ନିଜକୁ ଏକ୍ସପେରିମେଣ୍ଟ କରିପାରିବି, ଯେଉଁଥିରେ କି ମୋର ଗ୍ରୋ ହୋଇପାରିବ। ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିଲେ ପ୍ରକୃତରେ ଅଭିନୟ କ'ଣ ସେଥିରୁ ଜାଣିପାରିବି।

**ତୁମର ପ୍ରିୟ ଅଭିନେତ୍ରୀ କିଏ ?**

ମହାଶ୍ୱେତା ରାୟ ଓ ଅପରାଜିତା ମହାନ୍ତି। ଦୁହିଁଙ୍କର ଅଭିନୟ ମୋତେ ବହୁତ ଭଲଲାଗେ।

**ଓଡ଼ିଆ ଇଣ୍ଡଷ୍ଟ୍ରିରେ କିଛି ପରିବର୍ତ୍ତନ ହେବା ଉଚିତ ବୋଲି ଭାବୁଛ କି ?**

ନିଶ୍ଚିତ ଭାବେ ହେବା ଉଚିତ। ନୂଆ ଷ୍ଟୋରିକୁ ନେଇ ଫିଲ୍ମ ହେବା ଉଚିତ। ନୂଆ କନ୍‌ସେପ୍ଟକୁ ନେଇ ଓ ନୂଆ କ୍ୟାରେକ୍ଟର ରଖିବା ଉଚିତ, ଯାହାଫଳରେ ଓଡ଼ିଆ ଫିଲ୍ମ ଦେଖିବାକୁ ଦର୍ଶକଙ୍କ ଆଗ୍ରହ ବଢ଼ିବ।

**ରିଲ ଓ ରିୟଲ ସନ୍ମିରା ଭିତରେ କ'ଣ ଫରକ?**

ରିଲ୍‌ରେ ଯେଉଁ ଚରିତ୍ର ଆମକୁ ଦିଆଯାଇଥାଏ ସେଥିରେ ନିଜକୁ ପରିବର୍ତ୍ତନ କରିଥାଉ। କିନ୍ତୁ ରିୟଲରେ ମୁଁ ବହୁତ କମ୍ କଥା କହିବାକୁ ପସନ୍ଦ କରେ। ଚୁପ୍‌ଚାପ୍ ରହିବାକୁ ଭଲଲାଗେ।

**ମଡେଲିଂରେ ଆଗ୍ରହ ରହିଛି। ଆଗକୁ ଏନେଇ କିଛି ଯୋଜନା ଅଛି କି?**

ତୃତୀୟ ଶ୍ରେଣୀରୁ ମୁଁ ଅନେକ ମଡେଲିଂ ପ୍ରତିଯୋଗିତାରେ ଭାଗ ନେଇ କ୍ରାଉନ ପାଇଛି। ବର୍ତ୍ତମାନ ମଧ୍ୟ ମୋର ଦୁର୍ବଳତା ରହିଛି। କିନ୍ତୁ ଦୁଇଟି କ୍ଷେତ୍ରରେ ଏକା ସାଙ୍ଗରେ କାମ କରିବା ସମ୍ଭବପର ବୋଲି ମୁଁ ବିଶ୍ୱାସ କରେନି। ଯେହେତୁ ଏବେ ଫିଲ୍ମ ପ୍ରତି ମୋର ପୂରା ଫୋକସ୍ ରହିଛି, ତେଣୁ ମଡେଲିଂ ପାଇଁ ପ୍ରସ୍ତୁତ ହେବାକୁ ସମୟ ମିଳୁ ନାହିଁ।

**କେଉଁଥିରେ ଆଗ୍ରହ ?**

ଡ୍ୟାନ୍ସିଂ, ଶପିଂ, ଗୀତ ଗାଇବା ଓ ଲେଖାଲେଖି କରିବା।

**ପସନ୍ଦର ଖାଦ୍ୟ?**

ସବୁ ଘରୋଇ ଖାଦ୍ୟ ଖାଇବାକୁ ପସନ୍ଦ କରେ। ତେବେ ଚିକେନର ସବୁ ପ୍ରକାର ଆଇଟମ୍ ଖାଇବାକୁ ଭଲଲାଗେ।

– ସାକ୍ଷାତ୍‌: ଅସମାପିକା ସାହୁ